# Akashvani, Sambalpur

## SAMBALPURI NEWS BULLETIN

### 2 November 2025 – 6.47- 6.52 am.

***********************************************

ରାଜ୍‌ଭବନ୍ ପ୍ରତିଷ୍ଠା ଦିବସ I&PR

ଭାରତ୍‌ର ପ୍ରକୃତ ଶକ୍ତି ତାର୍ ବିଶାଳ ବିବିଧତାଥି ରହିଛେ ବଲି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟି କହିଛନ୍ । ଗଲାକାଏଲ୍ ରାଜ୍‌ଭବନ୍ ନ୍ୟୁ ଅଭିଷେକ୍ ହଲ୍ ନ ଦେଶର୍ ୧୫ ଟା ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍‌ର ପ୍ରତିଷ୍ଠା ଦିବସ୍ ପାଲନ୍ କରାଯାଇଛେ । ଇ ଅବ୍‌ସରେ ରାଜ୍ୟପାଲ୍ କହିଛନ୍, ରାଜଭବନ୍ ନ ଅଲ୍‌ଗା ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍‌ର ପ୍ରତିଷ୍ଠା ଦିବସ୍ ପାଲନ୍ - ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଏକ୍ ଭାରତ୍ ଶ୍ରେଷ୍ଠ ଭାରତ୍ ଆମ୍ଭାକେ ପ୍ରତିଫଳିତ୍ କରୁଛେ । ଇତାର୍ ସହେତେ ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍‌ମାନ୍‌କର୍ ଅଧିବାସୀମାନ୍‌କୁ ରାଜ୍ୟପାଲ୍ ଶୁଭେଚ୍ଛା ଜନେଇଛନ୍ ।

ସୁଭଦ୍ରା ଶକ୍ତିମେଳା ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶାର୍ ମହିଳା ଉଦ୍ୟୋଗୀ ଆଉ ସାଂସ୍କୃତିକ୍ ପରମ୍ପରା କାର୍ଯ୍ୟକ୍ରମ୍ ସୁଭଦ୍ରା ଶକ୍ତିମେଳାର ୨ ନମ୍ବର୍ ସଂସ୍କରଣ୍ ଗଲାକାଏଲ୍ ଉଦ୍‌ଘାଟିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌କେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଉଦ୍‌ଘାଟନ୍ କରିକରି କହିଛନ୍, ବ୍ୟକ୍ତିଗତ୍ ସ୍ତର୍ ହେଉ କି ଗ୍ରୁପ୍ ସ୍ତର୍ ହେଉ ରାଜ୍ୟର୍ ସବୁ ମହିଳା ଯେନ୍ତା ଆର୍ଥିକ୍ ସ୍ତର୍‌ଥି ସ୍ୱାବଲମ୍ବୀ ହେଇପାର୍‌ବେ ସେଥିର୍‌ଲାଗି ସର୍‌କାର୍ ପ୍ରତିବଦ୍ଧ ଆନ୍ । ନଭେମ୍ବର୍ ୧୨ ତାରିଖ୍‌ତକ୍ ଚାଲ୍‌ବାର୍‌କେ ଥିବା ଇ ମେଳାଥି ୩ ଶହ ଟା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ନିଜର୍ ଉତ୍ପାଦିତ୍ ଦରବ୍ ପ୍ରଦର୍ଶନ୍ କର୍‌ବାର୍ ସହେତେ ବିକ୍ରି କରିପାର୍‌ବେ ।

ମୁଖ୍ୟମନ୍ତ୍ରୀ-ଅଭିଯୋଗ୍ ଶୁଣାଣି ବନ୍ଦ୍ ହି.ସ.

ମୁଖ୍ୟମନ୍ତ୍ରୀ ଜନ ଅଭିଯୋଗ୍ ଶୁଣାଣି ଆଏବା କାଏଲ୍ ବନ୍ଦ୍ ରହେବା । ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ଦିଆଯାଇଥିବା ସୂଚ୍‌ନା ଅନ୍‌ସାରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଲ୍‌ଗା ଜରୁରୀ କାମ୍ ଥିବାର୍‌ନୁ ଶୁଣାଣିକେ ବନ୍ଦ୍ ରଖାଯାଇଛେ । ଆଏବା ଶୁଣାଣି ତାରିଖ୍ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି ବିଭାଗ୍ ତର୍‌ଫୁ କୁହାଯାଇଛେ ।

ରାଜ୍‌ପଥ୍ ନିର୍ମାଣ ପ୍ରକଳ୍ପ -ସମୀକ୍ଷା I&PR

ରାଏଜେ ଚାଲିଥିବା ୧୬ ଟା ଜାତୀୟ ରାଜ୍‌ପଥ୍ ପ୍ରକଳ୍ପ ନିର୍ମାଣ୍‌ରେ ଅଗ୍ରଗତି ବାବ୍‌ଦେ ପୂର୍ତ ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ସମୀକ୍ଷା କରିଛନ୍ । ଗଲାକାଏଲ୍ ଲୋକ୍‌ସେବା ଭବନ୍ ସମ୍ମିଳନୀ କକ୍ଷ ନ ହେଇଥିବା ବୈଠକ୍‌ଥି ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ ଭିନ୍ ଭିନ୍ ଜାତୀୟ ରାଜ୍‌ପଥ୍ ପ୍ରକଳ୍ପର୍ ଯାଂଚ୍ କର୍‌ବାର୍ ସହେତେ କାମ୍ ମାନ୍‌କୁ ତୁର୍‌ତି ସାର୍‌ବାର୍ ଲାଗି ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

କାମ୍ପା ବୈଠକ୍ I&PR

କ୍ଷତିପୂରଣ୍, ବନୀକରଣ୍ ପାଣ୍ଠି ପରିଚାଳନା ଆଉ ଯୋଜ୍‌ନା- କାମ୍ପା ର ୨୩ ତମ ରାଜ୍ୟସ୍ତରୀୟ ପରିଚାଳନା କମିଟି ବୈଠକ୍ ଗଲାକାଏଲ୍ ଲୋକ୍‌ସେବା ଭବନ୍ ନ ହେଇଯାଇଛେ । ବୈଠକ୍‌ଥି ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜା ଅଧ୍ୟକ୍ଷତା କରିକରି କାମ୍ପା ର ବାର୍ଷିକ୍ କାର୍ଯ୍ୟ ଯୋଜ୍‌ନା- ୨୦୨୫-୨୬ ର କାର୍ଯ୍ୟକାରିତା ବାବ୍‌ଦେ ବିଭାଗୀୟ ଅଧିକାରୀମାନ୍‌କର୍‌ନୁ ପଚ୍‌ରେଇ ବୁଝିଥିଲେ । ଇଥି ନୂଆଁ ଗଛ୍ ଲଗାବାର୍, ପୁର୍‌ନା ଗଛ୍‌ର ଦେଖ୍‌ରେଖ୍ ଆଉ ରାସ୍ତାତରାଥି ଗଛ୍ ଲଗାବାର୍ ଯୋଜ୍‌ନା ରହିଛେ ।

ପଂଚ୍କ        ଆର୍ଏନ୍ୟୁ/ ସମ୍ବଲପୁର

କାର୍ତିକ୍ ମାସର୍ ଉଜଲ୍ପଖର୍ ଏକାଦଶୀ ତିଥିଥି ଆଏଜ୍ଠାନୁ ଶ୍ରୀକ୍ଷେତ୍ର ପୁରୀ ନ ପଂଚ୍କ ବ୍ରତ ମୁଲ୍ ହେଇଛେ । ଆଏଜ୍ଠାନୁ ପୂନି ତକ୍ ପଂଚ୍କ ପାଲନ୍ର ବିଧି ରହିଛେ । ଇ ଅବ୍ସରେ ମାହାପୁରୁମାନ୍କର୍ ହରିଉତ୍ଥାପନ ନୀତି, ଲକ୍ଷ୍ମୀନାରାୟଣ୍ ବେଶ ଆଉ ବଲ୍ଲଭ ବଡ଼ସିଂହାର ବେଶ ନୀତି ହେବା । ହେଥିର୍ଲାଗି ଶ୍ରୀମନ୍ଦିର୍ ନ ଅବକାଶ ନୀତି ବଢ଼୍ବାର୍ ଉତ୍ରୁ ମାହାପୁରୁମାନେ ଲକ୍ଷ୍ମୀନାରାୟଣ୍ ବେଶଥି ରତ୍ନ ସିଂହାସନ ନ ଦର୍ଶନ୍ ଦେବେ । ଶ୍ରୀମନ୍ଦିର୍ ନ ପଂଚ୍କ ବ୍ରତ ପାଲନ୍ ୪ ଦିନ୍ ପଡୁଥିବାର୍ ବେଲେ ମାହାପୁରୁମାନ୍କର୍ ଦର୍ଶନ୍ ଲାଗି ପ୍ରଶାସନ୍ ତର୍ଫୁ ଖାସ୍ ବ୍ୟବସ୍ଥା କରାଯାଇଛେ ।

ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ        ଆର୍ଏନ୍ୟୁ/ ସମ୍ବଲପୁର

ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ୍ର ୧୫ ନମ୍ବର୍ ପ୍ରତିଷ୍ଠା ଦିବସ୍ ଗଲାକାଏଲ୍ ଲୋକସେବା ଭବନ୍ କନ୍ଭେନ୍ସନ୍ ହଲ୍ ଠାନେ ହେଇଯାଇଛେ । କାର୍ଯ୍ୟକ୍ରମ୍ଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଶିଶୁ ସୁରକ୍ଷା ଆଉ ଅଧିକାର୍

ସୁନିଶ୍ଚିତ୍ କରବାର୍ ଆମର୍ ସମାଜ୍‌ର ଦାୟିତ୍ୱ ବଲି କହିଥିଲେ । ଇ ବଛର୍‌ର ବିଷୟବସ୍ତୁ ହେଉଛେ, 'ବାତ୍ସଲ୍ୟ: ସୁରକ୍ଷିତ୍ ଶିଶୁ, ସମୃଦ୍ଧ ଓଡ଼ିଶା' । ଛୁଆମାନ୍‌କର୍ ଯତନ୍ ଆଉ ପାଠ୍‌ପଢ଼ା ଦିଗେ ସେମାନ୍‌କୁ ତହଁକାବାର୍‌ଥି ଅଙ୍ଗନବାଡ଼ି କର୍ମୀମାନ୍‌କର୍ ଭୂମିକା ବାବ୍‌ଦେ ଭିଲ୍ ଶ୍ରୀମତୀ ପରିଡ଼ା କହିଥିଲେ । ଇ ଅବ୍‌ସରେ ଉଲ୍ଲେଖନୀୟ କାମ୍ ଲାଗି ଶ୍ରେଷ୍ଠ ଆଇନ୍‌ସେବା ପ୍ରାଧିକରଣ୍ ଭାବେ ସମ୍ବଲ୍‌ପୁର୍‌କେ ପୁରସ୍କୃତ୍ କରାଯାଇଥିଲା ।

ଉଚ୍ଚଶିକ୍ଷା ବିଭାଗ୍- କର୍ମଶାଳା I&PR

ଉଚ୍ଚଶିକ୍ଷା ବିଭାଗ୍ - ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ୍ ଆଉ ଜାଭିଅର୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେନେଜ୍‌ମେଂଟ୍ ଭୁବନେଶ୍ୱର୍‌ର ମିଲିତ୍ ସହଯୋଗ୍‌ଥି ମହାବିଦ୍ୟାଳୟର ଅଧ୍ୟକ୍ଷ ଆଉ ବରିଷ୍ଠ ଅଧ୍ୟାପକ୍ ମାନ୍‌କର୍ ଲାଗି ଦକ୍ଷତା ଆଉ ନେତୃତ୍ୱ ବିକାଶ୍ କର୍ମଶାଲା କରାଯାଇଛେ । ଗଲା ୨୭ ତାରିଖ୍‌ନୁ ମୁଲ୍ ହେଇଥିବା ଇ କର୍ମଶାଲା ଗଲାକାଏଲ୍ ଉଦ୍‌ଯାପିତ୍ ହେଇଯାଇଛେ । କର୍ମଶାଳାଥି ୩୬ ଟା ସର୍‌କାରୀ ମହାବିଦ୍ୟାଳୟର୍ ଅଧ୍ୟକ୍ଷେ ଆଉ ଅଧ୍ୟାପକ ମାନେ ଯୋଗ୍ ଦେଇଥିଲେ । ଉଦ୍‌ଯାପନୀ ସମାରୋହଥି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ମୁଖ୍ୟଅତିଥି ଭାବେ ଯୋଗ୍

ଦେଇକରି ଶୈକ୍ଷିକ ସମାଜ୍ ନେତୃତ୍ୱଥି ଉଚ୍ଚଶିକ୍ଷାନୁଷ୍ଠାନ୍ର ବିକାଶ୍ ବାବ୍ଦେ କହିଥିଲେ ।

କେମ୍ପ୍‌କୋର୍ଟ        I&PR

ନାଗରିକ୍ କୈନ୍ଦ୍ରିକ ଆଉ ଠିକ୍ ସମିଆଥି ନ୍ୟାୟ ଦେବାର୍‌କେ ସୁନିଶ୍ଚିତ୍ କର୍‌ବାର୍ ଦିଗେ ଗଲାକାଏଲ୍ ଗୃହ ଆଉ ନଗର୍ ଉନ୍ନୟନ୍ ବିଭାଗ୍ର ପ୍ରମୁଖ ସଚିବ ଉଷା ପାଢ଼ୀଙ୍କର୍ ନେତୃତ୍ୱଥି ଗୁଟେ ଖାସ୍ କେମ୍ପ୍ କୋର୍ଟର ଆୟୋଜନ୍ କରାଯାଇଥିଲା । ଓଡ଼ିଶା ଉନ୍ନୟନ୍ କର୍ତ୍ତୃପକ୍ଷ ଆଇନ୍ ୧୯୮୨ ଅନ୍‌ସାରେ ଦାୟର୍ ମାମ୍‌ଲା ମାନ୍‌କର୍ ତୁର୍‌ତି ସମାଧାନ୍ ଲକ୍ଷ୍ୟଥି ଇ ପଦକ୍ଷେପ୍ ନିଆଯାଇଛେ । ୪ ଶହ ନୁ ଅଏତ୍‌କା ବିଚାରାଧୀନ୍ ମାମ୍‌ଲାମାନ୍‌କର୍ ଭିତ୍‌ରୁ ଶହେ ୪୦ ଟା ମାମ୍‌ଲା ଗ୍ରହଣ୍ କରାଯାଇକରି ଫଇସଲା କରାଯାଇଥିଲା ।

ଆଲୋଚନାଚକ୍ର        ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ପଂଚାୟତ୍ ମହାବିଦ୍ୟାଳୟ ପରିସଂଖ୍ୟାନ୍ ବିଭାଗ୍ ତରଫୁ ‘ଏ.ଆଇ.ଥି ପରିସଂଖ୍ୟାନ୍ର ଭୂମିକା’ ବାବ୍ଦେ ଗୁଟେ ଆଲୋଚନାଚକ୍ର ହେଇଯାଇଛେ । ମହାବିଦ୍ୟାଳୟର୍ ଅଧ୍ୟକ୍ଷ ନିରଞ୍ଜନ୍ ମିଶ୍ରଙ୍କର୍

ଅଧ୍ୟକ୍ଷତାଥି ହେଇଥିବା ଆଲୋଚନାଚକ୍ରଥି ଅବସରପ୍ରାପ୍ତ ପ୍ରାଧ୍ୟାପକ ଡକ୍ଟର୍ ବୀର ନାରାୟଣ୍ ମହାପାତ୍ର ଯୋଗ୍ ଦେଇଥିଲେ । ଆଲୋଚନାଚକ୍ରଥି ବିଭାଗ୍‌ର ଅଧ୍ୟାପକ ଅଧ୍ୟାପିକା ମାନେ ଭିଲ୍ ସାମିଲ୍ ହେଇଥିଲେ ।

## ମାନସିକ ରୋଗୀ ଆଶ୍ରୟ କେନ୍ଦ୍ର ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ପୁର୍‌ନା ମୁଖ୍ୟ ଚିକିତ୍ସାଳୟ ନ ମାନସିକ ରୋଗ୍‌ଥି ପିଡ଼ିତ୍ ଲୁକ୍‌କର୍ ଲାଗି ଆଶ୍ରୟ ଆଉ ଥଇଥାନ୍ କେନ୍ଦ୍ର ଲୋକାର୍ପିତ୍ ହେଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ ଡକ୍ଟର୍ ନୃପରାଜ୍ ସାହୁ ଯୋଗ୍ ଦେଇକରି ଶହେ ଶଯ୍ୟାର୍ ଇ ଆଶ୍ରୟ ଆଉ ଥଇଥାନ୍ କେନ୍ଦ୍ରକେ ଉଦ୍‌ଘାଟନ୍ କରିଛନ୍ ।